GOVERNMENT OF ORISSA

# OFFICE OF THE TAHASILDAR, RAIKIA

## KANDHAMAL

Tel: 06847-264700

Email: tahasildarraikia@gmail.com

L. No. 1240

Date 10.08.2021

To

The DIO,
NIC, Kandhamal

Sub: Uploading of advertisement of lease of Sairat sources

Sir,

In enclosing herewith the copy of this Office advertisement No 1239 /Touzi/date 10.8.21, I am to request you to please upload the ame in NIC, Kandhamal web site for information of general public and same may be intimate to this Office.

Yours faithfully

Tahasildar, Rakia
KANDHAMAL

Memo No 1240(A) Date 10.08.2021

Copy to Deputy Collector, Revenue Section, Collectorate, Kandhamal, Phulbani for information.

Tahasildar, Rakia
KANDHAMAL

GOVERNMENT OF ORISSA

# OFFICE OF THE TAHASILDAR, RAIKIA KANDHAMAL

Tel: 06847-264700

Email: tahasildarraikia@gmail.com

ବିଜ୍ଞାପନ ପତ୍ର ସଂଖ୍ୟା ୧୨୩୮ // Touzi                                        ତାରିଖ ୧୦.୦୮.୨୦୨୧

## ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦି ଲିଜ ବିଜ୍ଞାପନ

(ଓଡିଶା ଲଘୁ ଖଣିଜ ରିହାତି ଆଇନ 2004 ( ସଂଶୋଧିତ ଆଇନ -2016) ପରିସର ଭୁକ୍ତ )

ଏତ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , କନ୍ଧମାଳ ଜିଲ୍ଲା ରାଇକିଆ ତହସିଲ ଅଧିନସ୍ଥ ନିମ୍ନ ସାରଣୀରେ ଦର୍ଶଯାଇଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଗୁଡିକ ନିଲାମ ମାଧମରେ ପାଞ୍ଚ ବର୍ଷିଆ ଦୀର୍ଘ ମିଆଦି ସୂତ୍ରେ ଲିଜ ଦେବା ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ସ୍ଥିର କରାଯାଇ ଇଚ୍ଛୁକ ବ୍ୟକ୍ତି ବିଶେଷ ଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016 ଅନୁଯାୟୀ ଦରଖାସ୍ତ ଫର୍ମ ନଂ. M ର ତିନିକିତା ନକଲ ସମ୍ପୂର୍ଣ ପୂରଣ କରି ଏଥି ସହିତ ଆବଶ୍ୟକ ହେଉଥିବା ସମସ୍ତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପା ରେ ଡାକ ଦ୍ୱାରା speed post ଜରିଆରେ ବିଜ୍ଞାପନ ଜାରି ହେବ ଦିନଠାରୁ ତହସିଲଦାର ରାଇକିଆଙ୍କ ଠିକଣାରେ ଆବେଦନ କରିପାରିବେ ।ଦରଖାସ୍ତ ଗ୍ରହଣ କରିବା ଶେଷ ତା ୨୬.୦୮.୨୦୨୧ରିଖ ସନ୍ଧ୍ୟା ଘ.୫.୩୦ ମି । ଉକ୍ତ ସମୟର ଅବଧି ସମ୍ପୂର୍ଣ ପରେ କୌଣସି ଦରଖାସ୍ତ ଏଥି ନିମନ୍ତେ ଗ୍ରହଣ ଯୋଗ୍ୟ ନୁହେଁ । ଧାର୍ଯ୍ୟ ସମୟ ମଧ୍ୟରେ ପ୍ରାପ୍ତ ଦରଖାସ୍ତ ଗୁଡିକର ଚୟନ ପ୍ରକ୍ରିୟା ତା ୨୭.୦୮.୨୦୨୧ଦିବା ୧୧ ଘଣ୍ଟା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଆରମ୍ଭ କରାଯିବ।ଉକ୍ତ ଚୟନ ପ୍ରକ୍ରିୟା ରେ ଦରଖାସ୍ତ କରି ସ୍ୱୟଂ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତି ଭାଗ ନେଇ ପାରିବେ। ଯଦି କୌଣସି ସୈରାତ ଉତ୍ସ ନିମନ୍ତେ କୌଣସି ଦରଖାସ୍ତ ପ୍ରାପ୍ତ ହୋଇନଥାଏ କିମ୍ବା କୌଣସି ତ୍ରୁଟି ପରିଲକ୍ଷିତ ହୋଇ ଆବେଦନ କରାଯାଇଥିବା ଦରଖାସ୍ତଗୁଡିକ ଅସିଦ୍ଧ ବିବେଚିତ ହୁଅନ୍ତି, ତାହାହେଲେ ୨ୟ ଥର ପାଇଁ ସମାନ ପ୍ରକ୍ରିୟା ଅବଲମ୍ବନ କରି ସେହି ଉତ୍ସଗୁଡିକ ନିମନ୍ତେ ପୁନଃ ପ୍ରଥମ ଚୟନ ପ୍ରକ୍ରିୟା ଦିବସ ପରେ ଦରଖାସ୍ତ କରିପାରିବେ । ଦରଖାସ୍ତ ଗ୍ରହଣ କରିବା ଶେଷ ତା ୦୬.୦୯.୨୦୨୧ରିଖ ସନ୍ଧ୍ୟା ଘ ୫.୩୦ ମି ଓ ଏହାର ଚୟନ ପ୍ରକ୍ରିୟା ତା ୦୭.୦୯.୨୦୨୧ରିଖ ପୂର୍ବରୁ କରାଯାଇଥିବା ସମୟ ଓ ସ୍ଥାନରେ କରାଯିବ । ସେହିପରି ପୁନଃ ଯଦି କୌଣସି ଉତ୍ସ ନିମନ୍ତେ ୨ ୟ ଥର ଦରଖାସ୍ତ ଆବେଦନ ହୋଇନଥାଏ କିମ୍ବା ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ଅସିଦ୍ଧ ଘୋଷଣା କରାଯାଏ, ତାହାହେଲେ ୨ ୟ ଥର ଚୟନ ପ୍ରକ୍ରିୟା ସମାପ୍ତ ପରେ ସମାନ ପ୍ରକ୍ରିୟାରେ ଏଚ୍ଛୁକ ବ୍ୟକ୍ତି ୩ ୟ ଥର ପାଇଁ ଦରଖାସ୍ତ ଆବେଦନ କରିପାରିବେ । ଦରଖାସ୍ତ ଗ୍ରହଣ କରିବାର ଶେଷ ତା ୧୪.୦୯.୨୦୨୧ରିଖା ସନ୍ଧ୍ୟା ଘ ୫.୩୦ ମି ଓ ଚୟନ ପ୍ରକ୍ରିୟା ତା ୧୫.୦୯.୨୦୨୧ରିଖା ଏହା ପୁର୍ବରେ କରାଯାଇଥିବା ସମୟ ଓ ସ୍ଥାନ ରେ କରାଯିବ । ଏହି ବିଜ୍ଞାପନ ସମ୍ବନ୍ଧୀୟ ସମସ୍ତ ତଥ୍ୟ କନ୍ଧମାଳ ଜିଲ୍ଲା website: www.kandhamal.nic.in ରେ ଉପଲବ୍ଧ ଅଟେ ।

ତହସିଲଦାର, ରାଇକିଆ

Tahasildar Raikia
KANDHAMAL

ଆବେଦନକାରୀ ଦରଖାସ୍ତ ସହିତ ଦାଖଲ କରିବାକୁ ଥିବା ଦଲିଲ / କାଗଜାତ

1। ଦରଖାସ୍ତ ମୂଲ୍ୟ ବାବଦକୁ ଏକ ଟ୍ରେଜରି ଚାଲାଣ ଯାହାର ମୂଲ୍ୟ ଟ 1000/- original ( ଫେରସ୍ତ) ଦିଆଯିବ ନାହିଁ । Head of Account- 0853- Non- ferrous Mining Metallurgical industries-102-Mineral concession fees rent and royalities.

2। ଅର୍ଜିତ ରାଶି ( ଇଏମଡ଼ି) ମୂଲ୍ୟ ବାବଦକୁ ଚେକ/ଡ୍ରାଫ୍ଟ ମାଧ୍ୟମରେ ଏଥିରେ ଦର୍ଶାଯାଇଥିବା ସାରଣିନୁଯାୟୀ ପଇଠ କରିବେ ।ଏହା ତହସିଲଦାର, ରାଇକିଆ ନାମରେ ରହିବା ସହିତ ଏହାର ପଇଠ SBI, G.Udayagiri Branch ରହିବା ବିଧେୟ । ( In Favour of Tahasildar, Raikia Payable at SBI,G.Udayagiri )

3। ଆବଶ୍ୟକୀୟ ବ୍ୟାଙ୍କ ଗ୍ୟାରଣ୍ଟୀ ଦର୍ଶଯାଇଥିବା ସାରଣିନୁଯାୟୀ ମୂଲ୍ୟ ରହିବା ସହିତ ଏହାର ଅବଧି ପରବର୍ତ୍ତୀ 18 ମାସ ପର୍ଯ୍ୟନ୍ତ ଥିବା ବିଧେୟ।

4। ଦରଖାସ୍ତକାରୀଙ୍କ ନାମରେ ଲଘୁ ଖଣିଜ ଦ୍ରବ୍ୟ ବାବଦରେ ଓଡିଶା ସରକାରଙ୍କୁ ପଇଠ କରିବା ନିମନ୍ତେ କୌଣସି ବକେୟା ନଥିବା ସମ୍ବନ୍ଧେ ଏକ ସତ୍ୟପାଠ ।

5। ଆବେଦନ କରୁଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ସର ଏକ ସମ୍ପୂର୍ଣ୍ଣ ବିବରଣୀ ସହିତ ଏହାର ଏକ ନକ୍ସା କିମ୍ବା ତଫସିଲ ଯେଉଁଥିରେ କି ଉତ୍ସର ନାମ , ଖାତା ଓ ପ୍ଲଟ ନଂ ସହିତ ରକବା ଉଲ୍ଲେଖ ଥିବ ।

## ସର୍ତ୍ତାବଳୀ

ଆବେଦନକାରୀମାନେ ଓଡିଶାର ଲାଗୁ ଖଣିଜ ଦ୍ରବ୍ୟ ରିହାତି ଆଇନ ସଂଶୋଧିତ-2016 (OMMC Rule-2016 Amendment) ରେ ପରିସର ଭୁକ୍ତ ରହି ସମସ୍ତ ନିୟମ ପାଳନ କରିବେ ଓ ଲିଜ ରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବା ହେବେ । ଲିଜ ପ୍ରାପ୍ତି ପରେ ସୈରାତ ପରିଚାଳନା ପାଇଁ କୌଣସି ଅଭିଯୋଗ ଆସିଲେ ଏହା ଗ୍ରହଣ ଯୋଗ୍ୟ ନୁହେଁ କି ଏଥିରେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

1। ଲିଜ ସମସ୍ତ ସର୍ତ୍ତାବଳୀ ଫାଇଲ କରିଥିବା ସର୍ବାଧିକ ଅତିରିକ୍ତ ଦେୟ ( Additional Charge) ଘନ ମିଟର ପ୍ରତି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।ଯଦି ଏକାଧିକ ଆବେଦନକାରୀ ସମାନ ଅତିରିକ୍ତ ଦେୟ ଉଲ୍ଲେଖ କରିଥାନ୍ତି, ତେବେ ତାହା ଲଟେରୀ ମାଧ୍ୟମରେ ମନୋନୟନ କରାଯିବ ।

2। ମନୋନୟନ ନୀଲାମଧାରୀଙ୍କୁ ( Select Bidder) ନିଲାମ ହେବାର 7 ଦିନ ମଧ୍ୟରେ Competent Authority ଫର୍ମ ନଂ- F ଲିଜର Term & Condition ବାବଦରେ ଜଣାଇବେ ।

3। ଏହି intimation ପାଇବାର 15 ଦିନ ମଧ୍ୟରେ ମନୋନୟନ ହୋଇଥିବା ନୀଳମଧାରୀ ତାଙ୍କର ଲିଜ ସ୍ୱୀକାର ଜଣାଇବା ସହିତ ଲିଜର ନିୟମ କାନୁନ ମଣିବା ଓ ଆବଶ୍ୟକିୟ ଅମାନତ ରାଶି ( Security deposit) ପଇଠ କରିବେ ଯାହାକି ନିଲାମ ପ୍ରକ୍ରିୟା ଶେଷ ହେବ ପରେ ସ୍ଥିର କରାଯିବ । ଏହି ଅମାନତ ରାଶି ସୁଧ ବିହୀନ ଓ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ଜମା ରହିବା ।

4। ଯଦି ସର୍ବୋଚ୍ଚ ନୀଳମଧାରୀ ଏଥିରେ ଅସଫଳ ହୁଅନ୍ତି ତାହାହେଲେ 2 ୟ ସର୍ବୋଚ୍ଚ ନିଲାମ ଧାରୀଙ୍କୁ ସମାନ ପ୍ରକ୍ରିୟାରେ ସୁଯୋଗ ଦିଆଯିବ । ଯଦିବ 2 ୟ ନିଲାମ ଧାରୀଙ୍କ ଅସଫଳତା ଏଥିରେ ପରିଲକ୍ଷିତ ହୁଏ ତେବେ 3 ୟ ସର୍ବୋଚ୍ଚ ନିଲାମ ଧାରୀଙ୍କୁ ଏହାର ସୁଯୋଗ ଦିଆଯିବ । (Rule 27 of sub rule 6 & 7 of OMMC Rule-2016 )

Tahasildar, Raikia
KANDHAMAL

5। ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟିତ୍ୱ ରେ ହାସଲ କରିବେ ।

6। ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶି ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

7। ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।

8। ଯଦି ଉକ୍ତ ଇସ୍ତାହାର କୌଣସି ତ୍ରୁଟି ପରିଲକ୍ଷିତ ହୁଏ , ତେବେ ତାହା ସଂଶୋଧନ କରିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

9। ଯୋଗ୍ୟ ବିବେଚିତ ବ୍ୟକ୍ତି ପଥର ଖାଦାନ ପାଇଁ ଘନ ମିଟର ପିଛା ନିର୍ଦ୍ଧାରିତ ରୟାଲଟି ଓ ଭୂମିପୃଷ୍ଠ ଖଜଣା ( Surface Rent ) ବ୍ୟତୀତ ଦରଖାସ୍ତରେ ଦର୍ଶାଯାଇଥିବା ଅତିରିକ୍ତ ଦେୟ ଦର, ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଏବଂ ପରିବେଶ ଉନ୍ନୟନ ପାଣ୍ଠି ବାବଦକୁ ପ୍ରତ୍ୟକେ ଆର୍ଥିକ ବର୍ଷ ଆରମ୍ଭରେ ଏକକାଳିନ ପରିଚାଳନା ପୂର୍ବରୁ ପଇଠ କରିବାକୁ ହେବ ।

10। ଦରଖାସ୍ତ କେବଳ ଲଘୁ ଖଣିଜ ଦ୍ରବ୍ୟ ର ଘନ ମିଟର ପିଛା ଅତିରିକ୍ତ ଦେୟ ( Additional Charge) ସ୍ପଷ୍ଟ ଭାବରେ ଉଲ୍ଲେଖ ଥିବା ଆବଶ୍ୟକ ।

11। ଲିଜଧାରୀ ଏକ ସ୍ୱତନ୍ତ୍ର register ରେ ପ୍ରତ୍ୟକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବୋଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରାୟମାସିକ ହିସାବ ଏହି କାର୍ଯ୍ୟାଳୟ ରେ ଦାଖଲ କରିବେ ।

12। ଟେଣ୍ଡର ପାଇଁ ବିଜ୍ଞାପନ ଖର୍ଚ୍ଚ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀ ସଫଳ ନିଲାମଧାରୀମାନେ ବହନ କରିବେ ।

13। ସରକାରୀ Royalty ଓ ଅତିରିକ୍ତ ଦେୟ ବାବଦର ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କର ଫୋରମ – M ଖାରଜ କରିଦିଆଯିବ ।

14। ଉତ୍ସ ପରିଚାଳନା ପୂର୍ବରୁ ନିଲାମ ଧାରୀଙ୍କୁ EC ଓ Mining Plan ପ୍ରସ୍ତୁତ ଖର୍ଚ୍ଚ କରିବାକୁ ପଡିବ । ଏହା ବ୍ୟତୀତ ଓଡିଶା ରାଜ୍ୟ ପ୍ରଦୂଷଣ ଶାଖା, କନ୍ଧମାଳ ଠାରୁ CTE ( Consent to establish) /CTO ( Consent to Operate ) ର ଆଦେଶ ମଧ୍ୟ ଉତ୍ସ ର ପରିଚାଳନା ପୂର୍ବରୁ ତହସିଲ କାର୍ଯ୍ୟାଳୟ ରେ ଦାଖଲ ହେବାକୁ ହେବ ।

15। ଯଦି ନିଲାମଧାରୀଙ୍କର ରୟାଲିଟି ଦାଖଲ ପରେ କିମ୍ବା ଚୁକ୍ତି ପରେ ଆକସ୍ମିକ ମୃତ୍ୟୁ ହୁଏ, ତାହାହେଲେ ତାଙ୍କ ଉତ୍ତରାଧିକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଉକ୍ତ ଉତ୍ସଟିକୁ ଲିଜ ଅବଧି ଶେଷ ପର୍ଯ୍ୟନ୍ତ ସରକାରୀ ଦେୟ ପଇଠ କରି ପରିଚାଳନା କରିପାରିବେ ।

16। କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀ ଓ ତଦୁର୍ଦ୍ଧ ଅଧିକାରୀଙ୍କର ରହିଅଛି । ଲଘୁ ଖଣିଜ ଉତ୍ସ ସବିଶେଷ ବିବରଣୀ ସାରଣୀ-1 ରେ ବର୍ଣ୍ଣିତ ଅଛି ।

17। ଯଦି ଯୋଗ୍ୟ ନିଲାମଧାରୀ ନିଲାମର ସର୍ତ୍ତାବଳୀ ଖିଲାପ କରନ୍ତି କିମ୍ବା 5 ବର୍ଷ ଲିଜ ଅବଧି ଶେଷ ହେବ ପୂର୍ବରୁ ଲିଜରୁ ଅପସରି ଯାଆନ୍ତି , ତାହାହେଲେ EMD & Security deposit ବାବଦକୁ ଥିବା ଦେୟକୁ ବାଜ୍ୟାପ୍ତ କରିବା ସହିତ ଅବଶ୍ୟକ ସ୍ଥଳେ ବକେୟା ସରକାରୀ ଦେୟ OPDR କେସ ମାଧ୍ୟମରେ ଆଦାୟ କରାଯିବ । ଲିଜ ଚୁକ୍ତିନାମା ପରେ ଯଦି କୌଣସି ଲିଜ ଧରି Odisha Minor Mineral Concession-2016 ଓ Odisha Minor Mineral Concession-2016 ( Amendment) ର ଉଲ୍ଲଘନ କରନ୍ତି ତାହାହେଲେ ଲିଜ ଧାରୀଙ୍କର ଲିଜ କୁ ରାଜ୍ୟ ସରକାରଙ୍କ କ୍ଷମତାପ୍ରାପ୍ତ ଅଧିକାରୀ ଖାରଜ କରିପାରିବେ ।

18। ଫୋରମ ନଂ –M ( ଦରଖାସ୍ତ ଫୋରମ ) ର 5 ନଂ କଲାମ ରେ ପୂରଣ କରିବା ପାଇଁ ଥିବା ଅତିରିକ୍ତ ଦେୟ ନିମ୍ନମତେ ପୂରଣ କରାଯିବ । ( ନିର୍ଦ୍ଧାରିତ ମୂଲ୍ୟ + ଧାର୍ଯ୍ୟ ଅତିରିକ୍ତ ଦେୟ + ନିଜସ୍ୱ ଅତିରିକ୍ତ ଦେୟ )

Tahasildar, Baliguda
KANDHAMAL

# ସାରଣୀ

## ଲଘୁଖଣିଜ ଦ୍ରବ୍ୟ ଉତ୍ସର ତଫସିଲଭୂକ୍ତ ଜମିର ବିବରଣୀ

| କ୍ର.ନଂ | ସୈରାତ ଉତ୍ସର ନାମ | ମୌଜା ର ନାମ | ଖାତା ନଂ | ପ୍ଲଟ ନଂ | କିସମ | ଏରିଆ (in AC) | ମିନିମମ ଗ୍ୟରଣ୍ଟି ପରିମାଣ ( MGQ in Cum) | ରୟାଲଟି ର ନିର୍ଧାରିତ ପରିମାଣ ପ୍ରତି ଘନ ମିଟର ) | ଅତିରିକ୍ତ ଦେୟ ( Additional Charges in Rs.) | ବ୍ୟାଙ୍କ ଗ୍ୟରଣ୍ଟି( in Rs.) | ଅର୍ଜିତ ରାଶି ( EMD in Rs.) |
|---|---|---|---|---|---|---|---|---|---|---|---|
| ୧ | ଡାଡିଙ୍ଗିଆ ପଥର ଖଣି | ଡାଡିଙ୍ଗିଆ | ୨୯୯ | ୧୪୫୩/ଏ | ପଥରବଣି | ୭.୪୧୩ | ୧୦୧୨୫ | ୧୩୦/- | ୩୯/- | ୩୪୨୨୨୫/- | ୧୭୧୧୧/- |
| ୨ | ଆଲାମରମୁ ପଥର ଖଣି | ଆଲାମରମୁ | ୩୦ | ୧/୨୪୯ | ପଥରବଣି | ୨.୪୭୧ | ୧୦୧୨୫ | ୧୩୦/- | ୩୯/- | ୩୪୨୨୨୫/- | ୧୭୧୧୧/- |
| ୩ | ଲଣ୍ଡାବାଲି ପଥର ଖଣି | ଲଣ୍ଡାବାଲି | ୪୭ | ୫୧ | ପଥରବଣି | ୬.୪୫୭ | ୧୦୧୨୫ | ୧୩୦/- | ୩୯/- | ୩୪୨୨୨୫/- | ୧୭୧୧୧/- |

ତହସିଲଦାର, ବାଲିଗୁଡ଼ା
Tahasildar, Raikia
KANDHAMAL